# NATIONAL NEWS BULLETIN (ODIA)
## 18 April - 2025
## Evening Bulletin : 7.15 P.M.

**********************************

## ମୁଖ୍ୟ ସମ୍ବାଦ

- ବୈଷୟିକ ଜ୍ଞାନକୌଶଳ ଏବଂ ନବସୃଜନତା କ୍ଷେତ୍ରରେ ଆମେରିକା ସହ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ଭାରତର ପ୍ରତିଶ୍ରୁତିବଦ୍ଧତା ଦୋହରାଇଲେ ପ୍ରଧାନମନ୍ତ୍ରୀ ।
- ଭାରତୀୟ ମହାକାଶଚାରୀ ସୁଭାଂଶୁ ଶୁକ୍ଲା ଆକ୍ସିୟମ୍ ସ୍ପେସ୍ ମିଶନ୍‌ରେ ସାମିଲ ହୋଇ ଆସନ୍ତା ମାସରେ ଯାତ୍ରା କରିବେ ଆନ୍ତର୍ଜାତିକ ସ୍ପେସ୍ ଷ୍ଟେସନ୍‌କୁ ।
- ଦେଶରେ ଗତ ୧୦ ବର୍ଷ ମଧ୍ୟରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ୫ ଗୁଣ ଓ ରପ୍ତାନୀହାରରେ ୬ ଗୁଣ ବୃଦ୍ଧି ।
- ଉପଗ୍ରହ ଭିତ୍ତିକ ଟୋଲ୍ ବ୍ୟବସ୍ଥା ଦେଶରେ ଆସନ୍ତା ମାସ ପହିଲାରୁ ଆରମ୍ଭ କରିବା ସମ୍ପର୍କିତ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ସ୍ପଷ୍ଟୋକ୍ତି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଉ କିଛି ସମୟ ପରେ ରୟାଲ୍ ଚାଲେଞ୍ଜର୍ସ୍ ବେଙ୍ଗାଲୁରୁ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ହେବ ମୁକାବିଲା ।

## ପିଏମ୍-ମସ୍କ

ବୈଷୟିକ ଜ୍ଞାନକୌଶଳ ଏବଂ ନବସୃଜନତା କ୍ଷେତ୍ରରେ ଯୁକ୍ତରାଷ୍ଟ୍ର ଆମେରିକା ସହିତ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ଆଜି ଶ୍ରୀ ମୋଦୀ ଟେସଲାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଏଲନ୍ ମସ୍କଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଟେଲିଫୋନ୍ ଯୋଗେ ଆଲୋଚନା ପରେ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଗତ ବର୍ଷ ତାଙ୍କର ୱାଶିଂଟନ୍ ଡିସି ଗସ୍ତ ଅବସରରେ ଶ୍ରୀ ମସ୍କଙ୍କ ସହିତ ହୋଇଥିବା ବିଭିନ୍ନ ଆଲୋଚନାର ବିଷୟବସ୍ତୁ ସମେତ ବୈଷୟିକ ଜ୍ଞାନକୌଶଳ, ନବସୃଜନତା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଉଭୟ ଆଜି ମତବିନିମୟ କରିଛନ୍ତି ।

## ଇଣ୍ଡିଆ-ସ୍ପେସ୍ ମିଶନ୍

ମହାକାଶ ଯାତ୍ରାରେ ଭାରତ ପୁଣିଥରେ ଏକ ଇତିହାସ ରଚିବାକୁ ଯାଉଛି । ଜଣେ ଭାରତୀୟ ମହାକାଶଚାରୀ ଗ୍ରୁପ୍ କ୍ୟାପ୍ଟେନ୍ ସୁଭାଂଶୁ

ଶୁକ୍ଳା ଆନ୍ତର୍ଜାତିକ ସ୍ପେସ୍ ମିଶନ୍‌ର ଅଂଶସ୍ୱରୂପ ଆସନ୍ତା ମାସରେ ଆନ୍ତର୍ଜାତିକ ସ୍ପେସ୍ ଷ୍ଟେସନ୍‌କୁ ଯାତ୍ରା କରିବେ । ଭାରତୀୟ ବାୟୁସେନାରେ ବର୍ତ୍ତମାନ କାର୍ଯ୍ୟରତ ଶ୍ରୀ ଶୁକ୍ଳା' ଆକ୍ସିଅମ୍ ସ୍ପେସ୍ ମିଶନ୍ – **AX-4**ରେ ସାମିଲ ହେବାକୁ ଯାଉଛନ୍ତି ବୋଲି ମହାକାଶ ଏବଂ ଆଣବିକ ଶକ୍ତି ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଘୋଷଣା କରିଛନ୍ତି । ସେ କହିଛନ୍ତି, ଏହି ମିଶନ୍ ମାଧମରେ ଭାରତ ମହାକାଶ ଯାତ୍ରା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛି ।

ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ ଇସ୍ରୋର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କିତ ସମୀକ୍ଷା ବୈଠକରେ ଯୋଗଦେବା ପରେ ଡକ୍ଟର ସିଂହ ଏହା କହିଛନ୍ତି । ଏହି ଅବସରରେ ଇସ୍ରୋର ବିଭିନ୍ନ ମହାକାଶ ଅଭିଯାନ ସମ୍ପର୍କିତ ଯୋଜନା ଉପରେ ଆଲୋକପାତ କରି ଡକ୍ଟର ସିଂହ କହିଛନ୍ତି, ଏ କ୍ଷେତ୍ରରେ ଆନ୍ତର୍ଜାତିକ ଭାଗିଦାରୀଙ୍କ ସହ ଭାରତ ସହଯୋଗ ବଜାୟ ରଖିଛି । ସେହିଭଳି ଗଗନଯାନ ଭଳି ପ୍ରକଳ୍ପ ଦ୍ୱାରା ମହାକାଶ ଜ୍ଞାନକୌଶଳ କ୍ଷେତ୍ରରେ ବିଶ୍ୱର ଏକ ଅଗ୍ରଣୀ ସ୍ଥାନ ନେବା ଦିଗରେ ଭାରତର ପ୍ରତିବଦ୍ଧତା ପ୍ରତଳିଫଳିତ ହେଉଛି । ତେବେ ଏଭଳି ପ୍ରଚେଷ୍ଟା କେବଳ ବିଜ୍ଞାନ କ୍ଷେତ୍ର ଲାଗି ଉଦ୍ଦିଷ୍ଟ ନୁହେଁ ବରଂ ଏକ ଆତ୍ମନିର୍ଭର ତଥା ବିକଶିତ ଭାରତ ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ସହାୟକ ହେବ ବୋଲି ଡକ୍ଟର ସିଂହ କହିଛନ୍ତି ।

# ବୈଷ୍ଣବ ଇଲେକ୍ଟ୍ରୋନିକ୍ସ

ଗତ ୧୦ ବର୍ଷ ମଧ୍ୟରେ ଦେଶରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ୫ ଗୁଣ ବୃଦ୍ଧି ପାଇଛି ବୋଲି ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଗୁଡ଼ଗାଓଁର  ମନେସାର୍ ଠାରେ ଆଜି ଗଣମାଧ୍ୟମକୁ ଏହି ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଲାଗି ଇଲେକ୍ଟ୍ରୋନିକ୍ସ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ଏଭଳି ଉଲ୍ଲେଖନୀୟ ଉନ୍ନତି ଦେଖାଦେଇଛି । ସେହିଭଳି ଗତ ଏକ ଦଶନ୍ଧି ମଧ୍ୟରେ ଏହି ସାମଗ୍ରୀର ରପ୍ତାନୀହାର ୬ ଗୁଣ ବୃଦ୍ଧି ପାଇ ବର୍ତ୍ତମାନ ୩ ଲକ୍ଷ ୨୫ ହଜାର କୋଟି ଟଙ୍କା ଅତିକ୍ରମ କରିସାରିଛି ବୋଲି ସେ କହିଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି, ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ର ମାଧ୍ୟମରେ ବର୍ତ୍ତମାନ ପ୍ରାୟ ୨୫ ଲକ୍ଷ ଲୋକ ରୋଜଗାରକ୍ଷମ ହୋଇପାରିଛନ୍ତି । ଏହାଛଡ଼ା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିକଟରେ ଇଲେକ୍ଟ୍ରୋନିକ୍ ଦ୍ରବ୍ୟ ଉତ୍ପାଦନ ଯୋଜନାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହା ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଜୈବ ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବା ସହ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

**V/O**

# ସେକ୍ରେଟେରୀ ଆପଏଣ୍ଟମେଣ୍ଟ

କେନ୍ଦ୍ର ସରକାର ଆଜି ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରରେ ନୂତନ ସଚିବ ନିଯୁକ୍ତ କରିଛନ୍ତି । ଅରବିନ୍ଦ ଶ୍ରୀବାସ୍ତବଙ୍କୁ ଅର୍ଥ ମନ୍ତ୍ରଣାଳୟ ଅଧୀନରେ ରାଜସ୍ୱ ବିଭାଗର ସଚିବ ରୂପେ ନିଯୁକ୍ତ କରାଯାଇଛି । ବର୍ତ୍ତମାନ ଶ୍ରୀ ଶ୍ରୀବାସ୍ତବ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ତୁଲାଉଛନ୍ତି । ସେହିଭଳି ସମୀର କୁମାର ସିହ୍ନାଙ୍କୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସଚିବ ରୂପେ ନିଯୁକ୍ତି ମିଳିଛି । ଶ୍ରୀ ସିହ୍ନା ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ମହାନିର୍ଦ୍ଦେଶକ ରୂପେ କାର୍ଯ୍ୟ କରୁଛନ୍ତି । ସେହିଭଳି ସନ୍ତୋଷ କୁମାର ଷଡ଼ଙ୍ଗୀଙ୍କୁ ନୂତନ ଏବଂ ନବୀକରଣ ଶକ୍ତି ମନ୍ତ୍ରଣାଳୟର ସଚିବ ରୂପେ ନୂତନ ଦାୟିତ୍ୱ ମିଳିଛି । ଅନ୍ୟ ପକ୍ଷରେ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟର ନୂତନ ସଚିବ ରୂପେ ନିକୁଞ୍ଜ ବିହାରୀ ଧଳଙ୍କୁ ନିଯୁକ୍ତ କରାଯାଇଛି ।

# ପିଏମ୍-ଗୁରୁ ତେଗ୍ ବାହାଦୂର

ନବମ ଶିଖ୍‌ଗୁରୁ ଗୁରୁ ତେଗ୍ ବାହାଦୂରଙ୍କର ପ୍ରକାଶ ପୁରବ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ଗୁରୁ ତେଗ୍ ବାହାଦୂରଙ୍କୁ ଦେଶର ସର୍ବୋଚ୍ଚ ଆଧ୍ୟାତ୍ମିକ ପଥ ପ୍ରଦର୍ଶକ ଭାବେ ଅଭିହିତ

କରିବା ସହ ଅନ୍ୟାୟ ବିରୁଦ୍ଧରେ ତାଙ୍କ ଲଢ଼େଇ ଏବଂ ସାହସ ଏକ ଦୂରଦୃଷ୍ଟି ସମ୍ପନ୍ନ ବିକଶିତ ସମାଜ ଗଠନ ଦିଗରେ ଦେଶବାସୀଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି ।

## ରାଡାର୍

ରାଜପଥରେ ଯାନ ଗୁଡ଼ିକର ଗତି ମାପିବା ଲାଗି ବ୍ୟବହୃତ ରାଡାର୍ ଉପକରଣ ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନୂତନ ଆଇନ୍ କାର୍ଯ୍ୟକାରି କରାଯିବା ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି । ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏ ସମ୍ପର୍କିତ ଏକ ବିବୃତ୍ତିରେ କୁହାଯାଇଛି, ସଡ଼କ ସୁରକ୍ଷାକୁ ଅଧିକ ସଶକ୍ତ କରିବା ସହିତ ଟ୍ରାଫିକ୍ ନିୟମାବଳୀକୁ ଅଧିକ ସୁସଂହତ କରିବା ଉଦ୍ଦେଶ୍ୟରେ ଆଗାମୀ ଜୁଲାଇ ୧ ତାରିଖରୁ ଏହି ନୂତନ ନିୟମ କାର୍ଯ୍ୟକାରୀ ହେବ । ନୂତନ ନିୟମ ଅନୁଯାୟୀ ଯାନ ଗୁଡ଼ିକର ଗତିର ମାପ ଆକଳନ କରିବା ଉଦ୍ଦେଶ୍ୟରେ  ବ୍ୟବହୃତ ହେଉଥିବା ରାଡାର ଭିତ୍ତିକ ସମସ୍ତ ଯନ୍ତ୍ରପାତି ଗୁଡ଼ିକୁ ଏଣିକି ଲିଗାଲ୍ ମେଟ୍ରୋଲୋଜି ପ୍ରାଧିକରଣଙ୍କ ଦ୍ୱାରା ଯାଞ୍ଚ୍  ଓ ଅନୁମୋଦିତ କରିବାକୁ ପଡ଼ିବ । ଏହାଦ୍ୱାରା ସଡ଼କ ସୁରକ୍ଷାକୁ ସଶକ୍ତ କରାଯିବା ସହିତ ଜନସାଧାରଣଙ୍କ ବିଶ୍ୱାସ ଏବଂ

ଆଇନ୍‌ଗତ ଅନୁପାଳନ ଓ ସ୍ୱଚ୍ଛତା ବଜାୟ ରଖିବା ଦିଗରେ ସହାୟକ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ଟୋଲ୍‌ପ୍ଲାଜା

ଦେଶବ୍ୟାପି ଉପଗ୍ରହ ଭିତ୍ତିକ ଟୋଲ୍ ବ୍ୟବସ୍ଥା ଆସନ୍ତା ମାସ ପହିଲାରୁ ଆରମ୍ଭ କରିବା ସମ୍ପର୍କିତ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ ବୋଲି କେନ୍ଦ୍ର ସରକାର ଆଜି ସ୍ପଷ୍ଟ କରିଛନ୍ତି । ଏ ସମ୍ପର୍କିତ କେତେକ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଆଜି ଏହି ସ୍ପଷ୍ଟିକରଣ ଦିଆଯାଇଛି । ମନ୍ତ୍ରଣାଳୟ କିମ୍ବା ଭାରତର ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଏଭଳି କୌଣସି ନିଷ୍ପତ୍ତି ନିଆଯାଇ ନାହିଁ ବୋଲି ଏହି ସ୍ପଷ୍ଟିକରଣରେ କୁହାଯାଇଛି । ମନ୍ତ୍ରଣାଳୟ କହିଛି, ନାଗରିକମାନଙ୍କର ଯାତ୍ରାକୁ ଅଧିକ ସୁଗମ ତଥା ବାଧାମୁକ୍ତ କରିବା ଉଦ୍ଦେଶ୍ୟରେ ଦେଶର କେତେକ ନିର୍ଦ୍ଦିଷ୍ଟ ଟୋଲ୍‌ପ୍ଲାଜା ଗୁଡ଼ିକରେ ସ୍ୱୟଂଚାଳିତ ନମ୍ବର ପ୍ଲେଟ୍ ଚିହ୍ନଟ ପ୍ରକ୍ରିୟା ସହିତ ଫାସ୍‌ଟାଗ୍ ଭିତ୍ତିକ ବାଧାମୁକ୍ତ ଟୋଲିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ । ଏହାଦ୍ୱାରା ଟୋଲ୍ ପ୍ଲାଜା ଗୁଡ଼ିକରେ ଗାଡ଼ି ଗୁଡ଼ିକୁ ଆଉ ଅପେକ୍ଷା କରିବାକୁ ପଡ଼ିବ ନାହିଁ ବରଂ ଅନାୟସରେ ଟୋଲ୍ ଆଦାୟ ହୋଇପାରିବ । ପ୍ରାଥମିକ ସ୍ତରରେ ଏହି

ବ୍ୟବସ୍ଥାର କାର୍ଯ୍ୟକାରିତାର ସମୀକ୍ଷା ପରେ ପର୍ଯ୍ୟାୟ କ୍ରମେ ଦେଶ ବ୍ୟାପି ଏହାକୁ ଲାଗୁ କରାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ଜେଇଇ ମେନ୍ ରେଜଲ୍ଟ

ଯୁଗ୍ମ ପ୍ରବେଶିକା ପରୀକ୍ଷା – ଜେଇଇ ମେନ୍ ୨୦୨୫ର ପରୀକ୍ଷାଫଳ ଆସନ୍ତାକାଲି ପ୍ରକାଶ ପାଇବ । ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ. ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ ଏହି ସୂଚନା ଦିଆଯାଇଛି । ଜେଇଇ ମେନ୍ ୨୦୨୫ ସେସନ୍-୨ର ଚୂଡ଼ାନ୍ତ ଉତ୍ତରସୂଚୀ ଜେଇଇ ମେନ୍ ୱେବ୍‌ସାଇଟ୍‌ରେ ଆଜି ଅପରାହ୍ଣରୁ ଉପଲବ୍ଧ ହେଉଛି । ପରୀକ୍ଷାର୍ଥୀମାନେ ଏହାକୁ ସେଠାରୁ ଡାଉନ୍‌ଲୋଡ୍ କରିପାରିବେ ବୋଲି ଏନ୍.ଟି.ଏ. ପକ୍ଷରୁ କୁହାଯାଇଛି ।

## ଜାମ୍ବିଆ-ଏମ୍-ପକ୍ସ

ଜାମ୍ବିଆରେ ଏମ୍-ପକ୍ସ ସଂକ୍ରମିତଙ୍କ ସଂଖ୍ୟା ୪୯ରେ ପହଞ୍ଚିଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଏଲିଜା ମୁଚିମା କହିଛନ୍ତି । ସେ କହିଛନ୍ତି, ଚଳିତ ମାସ ୨ରୁ ୧୫ ତାରିଖ ମଧ୍ୟରେ ଦେଶରେ ୧୩ ଜଣ ନୂତନ ସଂକ୍ରମିତ ଚହ୍ନଟ ହୋଇଛନ୍ତି । ୩୨ ଜଣଙ୍କୁ ଇତିମଧ୍ୟରେ ଚିକିତ୍ସା କରାଯାଇ ହସ୍ପିଟାଲ୍‌ରୁ

ଛାଡ଼ି ଦିଆଯାଇଥିବା ବେଳେ ୧୫ ଜଣ ବର୍ତ୍ତମାନ ବାସଗୃହରେ ଏକାନ୍ତବାସ କରୁଛନ୍ତି ବୋଲି ଶ୍ରୀ ମୁଚିମା କହିଛନ୍ତି । ସେ କହିଛନ୍ତି, ଗତକାଲି ଏମ୍‌ପିକା ଜିଲ୍ଲା ଅନ୍ତର୍ଗତ ମୁଚିଙ୍ଗା ପ୍ରଦେଶରେ ଜଣେ ୧୦ ବର୍ଷ ବୟସ୍କ ବାଳକର ଏହି ରୋଗରେ ମୃତ୍ୟୁ ହୋଇଛି । ଗତ ବର୍ଷ ଅକ୍ଟୋବର ମାସରେ ଜାମ୍ବିଆରେ ପ୍ରଥମ ଏମ୍-ପକ୍ସ ରୋଗୀ ଚିହ୍ନଟ ହେବା ପରେ ଗତ ମାସରେ ଏଥିରେ ପ୍ରଥମ ମୃତ୍ୟୁ ମାମଲା ରେକର୍ଡ କରାଯାଇଥିଲା ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି ।

## ୟୁଏସ୍-ଇରାନ୍ ନ୍ୟୁକ୍ଲିୟର୍ସ ଟକ୍

ଆମେରିକା ଓ ଇରାନ୍ ମଧ୍ୟରେ ଆସନ୍ତାକାଲି ରୋମ୍‌ରେ ଦ୍ୱିତୀୟ ପର୍ଯ୍ୟାୟ ପରମାଣୁ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ଏଥିରେ ମଧ୍ୟସ୍ଥତା ଜାରି ରଖିବାକୁ ଓମାନ୍‌ର ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । ଏକ ବିବୃତିରେ ମନ୍ତ୍ରଣାଳୟ କହିଛି, ଗମନାଗମନ କାରଣରୁ ଇଟାଲୀର ରାଜଧାନୀକୁ ନୂତନ ସ୍ଥାନ ଭାବେ ଚୟନ କରାଯାଇଛି । ଏହି ଆଲୋଚନା ଏକ ନ୍ୟାୟପୂର୍ଣ୍ଣ ଏବଂ ସ୍ଥାୟୀ ବୁଝାମଣା ଦିଗରେ ଅଗ୍ରଗତି କରିବ ବୋଲି ମନ୍ତ୍ରଣାଳୟ ଆଶାବ୍ୟକ୍ତ କରିଛି ।

# ବକ୍ସିଂ

ଜୋର୍ଡାନ୍‌ର ଅମନ୍ ଠାରେ ହେବାକୁ ଥିବା ୧୫ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ଏସୀୟ ବକ୍ସିଂ ଚାମ୍ପିୟନ୍‌ସିପ୍ ଲାଗି ଭାରତ ଏକ ୫୬ ଜଣିଆ ଦଳ ଚୟନ କରିଛି । ଏସୀୟ ବକ୍ସିଂ, ଏସିଆର ଅଲିମ୍ପିକ୍ ପରିଷଦ ଏବଂ ବିଶ୍ୱ ବକ୍ସିଂ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି ଚାମ୍ପିୟନ୍‌ସିପ୍ ଲାଗି ୧୭ ବର୍ଷରୁ କମ୍ ଭାରତୀୟ ଦଳରେ ୨୦୨୪ ଏସୀୟ ଜୁନିୟର୍ ଚାମ୍ପିୟନ୍‌ସିପ୍‌ର ବ୍ରୋଞ୍ଜ ଓ ରୌପ୍ୟ ପଦକ ବିଜେତା ସାହିଲ ଦୁହାନ ଏବଂ ଦେବାଂଶଙ୍କୁ ସାମିଲ କରାଯାଇଛି । ଏହାଛଡ଼ା ଏସ୍.ଜି.ଏଫ୍.ଆଇ. ୨୦୨୪ର ସ୍ୱର୍ଣ୍ଣ ପଦକ ବିଜେତା ଟିକମ୍ ସିଂହଙ୍କୁ ମଧ୍ୟ ଏହି ଦଳରେ ସ୍ଥାନ ଦିଆଯାଇଛି ।

# ଆଇପିଏଲ୍

ଚଳିତ ଆଇପିଏଲ୍ କ୍ରିକେଟ୍‌ରେ ଆଉ କିଛି ସମୟ ପରେ ରୟାଲ୍ ଚାଲେଞ୍ଜର୍ସ୍ ବେଙ୍ଗାଲୁରୁ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ବେଙ୍ଗାଲୁରୁ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳାଯିବ ।